# NATIONAL NEWS BULLETIN (ODIA)

**5 October - 2024**

**Morning Bulletin : 7.15 a.m.**

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଲୋକାର୍ପଣ।

– ୱାସିମ୍‌ଠାରେ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ହିତାଧିକାରୀଙ୍କୁ ପ୍ରଦାନ କରିବେ ୧୮ତମ କିସ୍ତି।

- ବିଶ୍ୱର ବିଭିନ୍ନ ସ୍ଥାନରେ ୫ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ୍ ସ୍ଥାପନ କରିବ ଭାରତ; କହିଲେ ପ୍ରଧାନମନ୍ତ୍ରୀ।

- ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଲାଗି ଏକକ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଜାରି।

- ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟରେ ୨୮ ମାଓବାଦୀ ନିହତ।

ଏବଂ

- ଇସ୍ରାଏଲର ବିମାନ ଆକ୍ରମଣରେ ୱେଷ୍ଟବ୍ୟାଙ୍କ ସହରରେ ୧୮ ମୃତ।

# ପିଏମ୍-ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ୍ୱାଶିମ୍‌ଠାରେ ପି.ଏମ୍ କିଷାନ ସମ୍ମାନନିଧି ଯୋଜନାର ୧୮ତମ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରିବେ। ଏହାଦ୍ୱାରା ପ୍ରାୟ ୯ କୋଟି ୪୦ ଲକ୍ଷ କୃଷକ ଉପକୃତ ହେବେ। ଏହି କିସ୍ତି ଜାରି ହେବା ପରେ ପିଏମ୍ କିଷାନ ଯୋଜନା ଅଧୀନରେ କୃଷକଙ୍କୁ ପ୍ରଦାନ କରାଯାଇଥିବା ମୋଟ ପାଣ୍ଠିର ପରିମାଣ ପ୍ରାୟ ୩ ଦଶମିକ ୪/୫ ଲକ୍ଷ କୋଟି ଟଙ୍କା ହେବ। ଏତଦ୍‌ବ୍ୟତୀତ କୃଷକଙ୍କୁ ସଶକ୍ତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ 'ନମୋ ସେତକାରୀ ମହାସମ୍ମାନ ନିଧି ଯୋଜନା'ର ପଞ୍ଚମ କିସ୍ତିର ମଧ୍ୟ ଆଜି ଶୁଭାରମ୍ଭ କରିବେ। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୭ ହଜାର ୫୦୦ରୁ ଅଧିକ କୃଷିଭିତ୍ତିକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିବେ। ୧ ହଜାର ୯୨୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ଏହି ସବୁ ପ୍ରକଳ୍ପ ନିର୍ମାଣ କରାଯାଇଛି। ସେହିଭଳି ପ୍ରାୟ ୧ ହଜାର ୩୦୦ କୋଟି ଟଙ୍କାର ମିଳିତ କାରବାର କରୁଥିବା ୯ ହଜାର ୨୦୦ କୃଷକ ଉତ୍ପାଦକ ସଂଗଠନକୁ ଶ୍ରୀ ମୋଦୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି।

ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ସହରୀ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଲାଗି ପ୍ରମୁଖ ମେଟ୍ରୋ ଓ ସଡ଼କ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ସେଥିମଧ୍ୟରେ ପ୍ରାୟ ୧୩ ହଜାର ୧୨୦ କୋଟି ଟଙ୍କା ମୂଲ୍ୟର ମୁମ୍ବାଇ ମେଟ୍ରୋ ଲାଇନ୍, ୯ଟି ଅଣ୍ଡରଗ୍ରାଉଣ୍ଡ ସମେତ ୧୦ଟି ଷ୍ଟେସନ୍ ଅର୍ନ୍ତଭୁକ୍ତ। ଏହାଦ୍ୱାରା ପ୍ରାୟ ୧୨ ଲକ୍ଷରୁ ଉର୍ଦ୍ଧ୍ୱଯାତ୍ରୀ ଉପକୃତ ହୋଇପାରିବେ। ସେହିଭଳି ୧୨ ହଜାର ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଥାନେ ଇଣ୍ଟିଗ୍ରାମ ରିଙ୍ଗ୍ ମେଟ୍ରୋ ରେଳପ୍ରକଳ୍ପର ମଧ୍ୟ ଆଜି ଶ୍ରୀ ମୋଦୀ ଶିଳାନ୍ୟାସ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବି.କେ.ସି ମେଟ୍ରୋ ଷ୍ଟେସନ୍‌ରୁ ମୁମ୍ବାଇର ଆର୍.ଏ.’ ଜେ.ଭି.ଏଲ୍.ଆର୍. ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଟ୍ରୋ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହିତ ବି.କେ.ସି ଓ ଶାନ୍ତାକ୍ରୁଜ୍ ଷ୍ଟେସନ୍ ମଧ୍ୟରେ ଶ୍ରୀ ମୋଦୀ ମେଟ୍ରୋରେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

ଏତଦ୍‌ବ୍ୟତୀତ ୨ହଜାର ୫୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା **NAVI Mumbai Airport influence notified area** ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଲାଗି ଶିଳାନ୍ୟାସ କରିବେ। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଥାନେ ପୌର ମହାନିଗମ ଲାଗି ଶିଳାନ୍ୟାସ କରିବେ। ଏଥିଲାଗି ପ୍ରାୟ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

# ପିଏମ୍-କୌଟଲ୍ୟ ଇକୋନୋମିକ

ଭାରତ ବିଶ୍ୱର ବିଭିନ୍ନ ସ୍ଥାନରେ ୫ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ଗତକାଲି ନୂଆଦିଲ୍ଲୀଠାରେ ଆୟୋଜିତ 'କୌଟିଲ୍ୟ ଇକୋନୋମିକ କନ୍‌କ୍ଲେଭ୍'ର ତୃତୀୟ ସଂସ୍କରଣକୁ ସମ୍ବୋଧନ କରିବାର ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, ଏହାଛଡ଼ା ବିଶ୍ୱର କୋଣ ଅନୁକୋଣରେ ମେଡ୍ ଇନ୍ ଇଣ୍ଡିଆ ଚିପ୍ସ ଉପଲବ୍ଧ କରାଇବା ପ୍ରକ୍ରିୟା ମଧ୍ୟ ଭାରତ ଆରମ୍ଭ କରିବ। ଅତୀତରେ ଭାରତ ମୋବାଇଲ ଫୋନ୍ ଆମଦାନୀ କରୁଥିବା ବେଳେ ବର୍ତ୍ତମାନ ଏହାର ଉତ୍ପାଦକ ହୋଇପାରିଛି। ଦେଶରେ ପ୍ରତ୍ୟେକ କ୍ଷେତ୍ରରେ ପୁଞ୍ଜିନିବେଶର ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଭାରତ ହେଉଛି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଦେଶର ଅଭିବୃଦ୍ଧି ସହିତ ଅନ୍ତର୍ଭୁକ୍ତୀକରଣ ମଧ୍ୟ କରାଯାଉଛି। ଏଥିସହିତ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥା ଭାବେ ମଧ୍ୟ ଭାରତକୁ ମାନ୍ୟତା ମିଳିଛି। ବିଶ୍ୱର ଜରୁରୀକାଳୀନ ସ୍ଥିତିରେ ଭାରତର ପାରଦର୍ଶିତା ଉପରେ  ଆଲୋଚନା ହେଉଛି। ଏହାଦ୍ୱାରା ସମଗ୍ର ବିଶ୍ୱର ଭାରତ ପ୍ରତି ରହିଥିବା ବିଶ୍ୱାସ ପ୍ରତିଫଳିତ ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ୧୪୦ କୋଟି ଭାରତୀୟଙ୍କ ବିଶ୍ୱାସ ହିଁ ସରକାରଙ୍କ ପ୍ରେରଣାର ଉତ୍ସ ହୋଇଥିବା ବେଳେ ଦେଶର ସାମଗ୍ରୀକ ବିକାଶ ତଥା ଏକ ବିକଶିତ ଭାରତ ଗଠନ ଲାଗି ଢାଞ୍ଚାଗତ ସଂସ୍କାର କରିବାକୁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତର ମନ୍ତ୍ର ତାଙ୍କ ସରକାର ଅନୁସରଣ କରୁଛନ୍ତି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି।

ଯୁବବର୍ଗଙ୍କ ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦେବା ସହ କୃତ୍ରିମ ବୁଦ୍ଧିମତା ଓ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ଭାରତ ଜୋର୍ ଦେଇ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଦୁଇଚକିଆ ଯାନ ଓ ଟ୍ରାକ୍ଟର କ୍ଷେତ୍ରରେ ବର୍ତ୍ତମାନ ଭାରତ ବିଶ୍ୱର ସର୍ବବୃହତ ଉତ୍ପାଦନକାରୀ ଏବଂ ଦ୍ୱିତୀୟ ସର୍ବବୃହତ ମୋବାଇଲ୍ ଫୋନ୍ ଉତ୍ପାଦନକାରୀ ରାଷ୍ଟ୍ରଭାବେ ମାନ୍ୟତା ପାଇଛି। ଗତ ଏକ ଦଶନ୍ଧି ଧରି ବିଭିନ୍ନ କ୍ଷେତ୍ରରେ ତାଙ୍କ ସରକାରଙ୍କ ଦ୍ୱାରା ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପର ଏହାର ସୁଫଳ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

## ହରିୟାଣା– ଆସେମ୍ବ୍ଲି ପୋଲ୍ସ ଭୋଟିଂ

ହରିୟାଣା ବିଧାନସଭା ଲାଗି ଆଜି ଏକକ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଛି। ୯୦ ଆସନ ବିଶିଷ୍ଟ ଏହି ବିଧାନସଭା ଲାଗି ଭୋଟ୍‌ଗ୍ରହଣ ପ୍ରକ୍ରିୟା ଆଜି ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ୨ କୋଟି ୩ ଲକ୍ଷରୁ ଅଧିକ ଭୋଟର ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧ ହଜାର ୩୧ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏହି ପ୍ରାର୍ଥୀଙ୍କ ମଧ୍ୟରୁ ୯୩୦ ଜଣ ପୁରୁଷ ରହିଥିବା ବେଳେ ୧୦୧ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଏଥିଲାଗି ରାଜ୍ୟବ୍ୟାପୀ ମୋଟ୍ ୨୦ ହଜାର ୬୩୨ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ନିର୍ବାଚନ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ କହିଛନ୍ତି, ନିର୍ବାଚନକୁ ମୁକ୍ତ, ଅବାଧ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ

କରାଯିବ। ଯଦି କୌଣସି ମତଦାତାଙ୍କ ନାମ ଭୋଟର ତାଲିକାରେ ଥିବ ମାତ୍ର ତାଙ୍କ ପାଖରେ ଭୋଟର ପରିଚୟପତ୍ର ନ ଥିବ ତେବେ ସେ କ୍ଷେତ୍ରରେ ସମ୍ପୃକ୍ତ ମତଦାତା ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଧାରକାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାନକାର୍ଡ ଓ ପାସପୋର୍ଟ ଭଳି ୧୨ଟି ପରିଚୟପତ୍ର ମଧ୍ୟରୁ ଯେ କୌଣସି ଗୋଟିଏ ବ୍ୟବହାର କରିପାରିବେ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି।

## ଜୟଶଙ୍କର ଏସ୍‌ସିଓ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆସନ୍ତା ୧୫ ତାରିଖରୁ ଇସଲାମାବାଦ୍‌ଠାରେ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ–ଏସ୍.ସି.ଓ. ସମ୍ମିଳନୀରେ ଯୋଗ ଦେବେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଡକ୍ଟର ଜୟଶଙ୍କର ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଛତିଶଗଡ଼–ମାଓଇଷ୍ଟ

ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟରେ ପ୍ରାୟ ୨୮ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏ ସମ୍ପର୍କରେ ଆମର ରାୟପୁର ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ନାରାୟଣପୁର ଜିଲ୍ଲାର ଦକ୍ଷିଣ ଆବୁଜମାଦଠାରେ ମାଓବାଦୀ ଲୁଚି ରହିଥିବା ଖବର ଗୁଇନ୍ଦା ବିଭାଗ ନିକଟରୁ ପାଇବା ପରେ ଏହି ଜିଲ୍ଲା ସମେତ ଦାନ୍ତେୱାଡ଼ାର କେତେକ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା। ଏହି

ସମୟରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ନିହତ ସମସ୍ତ ମାଓବାଦୀମାନଙ୍କର ମୃତଦେହକୁ ଘଟଣାସ୍ଥଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ସେମାନଙ୍କ ନିକଟରୁ ଏକେ-୪୭ ସମେତ ବିଭିନ୍ନ ଅତ୍ୟାଧୁନିକ ମାରଣାସ୍ତ୍ର ଜବତ କରାଯାଇଛି। କାଲି ରାତିରେ ସେଠାରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଥିବା ବେଳେ ମାଓବାଦୀଙ୍କର ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଇଣ୍ଡିଆନ୍ ବାୟୁ ସେନା

ଭାରତୀୟ ବାୟୁସେନା ଆସନ୍ତା ୬ ତାରିଖ ଓ ୮ ତାରିଖ ଦିନ ଚେନ୍ନାଇରେ ତାର ୯୨ତମ ପ୍ରତିଷ୍ଠା ଦିବସ ପାଳନ କରିବେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଗ୍ରୁପ୍ କ୍ୟାପ୍‌ଟେନ୍ ସୁପାନଦୀପ ସିଂହ କହିଛନ୍ତି, ଏହି ଅବସରରେ ମାରିନାବିଚ୍‌ରେ ୧ ଘଣ୍ଟା ୫୩ ମିନିଟ୍ ଧରି ଏୟାର୍ ଶୋ ପ୍ରଦର୍ଶିତ ହେବ । ତାମ୍ରମ୍ ଠାରେ ଥିବା ବାୟୁସେନା ଘାଟିରେ ୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ କରାଯିବ । ଏହି ଅବସରରେ ସେଠାରେ ପରେଡ୍ ଓ ଆକାଶମାର୍ଗରେ ବିମାନ ଉଡ଼ାଣ କରାଯିବ । ଏହି ଅବସରରେ ବହୁ ସଂଖ୍ୟାରେ ପରିଦର୍ଶକମାନଙ୍କୁ ସାମିଲ କରାଯାଇ ବାୟୁସେନା ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ସିଂହ କହିଛନ୍ତି । ଏୟାର୍ ଶୋ'ରେ ୧୦ରୁ ୧୨ ଲକ୍ଷ ଦର୍ଶକ ଏକତ୍ରିତ ହେବାର ଆଶା କରାଯାଉଛି ।

## ଇସ୍ରାଏଲ-ଓ୍ୱେଷ୍ଟବ୍ୟାଙ୍କ

ଇସ୍ରାଏଲର ବିମାନ ଆକ୍ରମଣରେ ତୁଲକାର୍ମର ୱେଷ୍ଟବ୍ୟାଙ୍କ ସହରରେ ପ୍ରାୟ ୧୮ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଆକ୍ରମଣ ଦ୍ୱାରା ତୁଲକାର୍ମସ୍ଥିତ ଏକ ଶରଣାର୍ଥୀ ଶିବିର ଥିବା ବୟସ୍କ ଓ ଶିଶୁଙ୍କର ମଧ୍ୟ ମୃତ୍ୟୁ ହୋଇଛି। ମିଳିତ ଜାତିସଂଘ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ ଏହି ଆକ୍ରମଣର ନିନ୍ଦା କରାଯାଇଛି। ତେବେ ଇସ୍ରାଏଲ ସାମରିକ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ବିବୃତି ଅନୁଯାୟୀ, ହମାସର କେତେକ ନେତୃବୃନ୍ଦ ଓ ଅନ୍ୟ ସନ୍ତ୍ରାସବାଦୀଙ୍କୁ ନିହତ କରିବା ଉଦ୍ଦେଶ୍ୟରେ ଇସ୍ରାଏଲ ବାୟୁସେନା' ସିମ୍‌ବେଟ୍ ସୁରକ୍ଷା ସେବା ସହିତ ଏକ ମିଳିତ ଅପରେସନ୍‌ରେ ତୁଲକାର୍ମ ଉପରେ ବିମାନ ଆକ୍ରମଣ କରାଯାଇଥିଲା।

## କ୍ରିକେଟ-ୱିମେନ୍ସ ଟି-୨୦

ଶାରଜାଠାରେ ଚାଲିଥିବା ଆଇ.ସି.ସି. ନବମ ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍‌ର ଗତକାଲି ରାତିରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ' ନ୍ୟୁଜିଲାଣ୍ଡ ନିକଟରୁ ୫୮ ରନ୍‌ରେ ହାରି ଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ସୋଫି ଡିଭାଇନ୍ ୩୬ଟି ବଲ୍‌ରୁ ସର୍ବାଧିକ ୫୭ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରେଣୁକା ସିଂ ୨ଟି ୱିକେଟ ଅକ୍ତିଆର କରିଥିଲେ। ୧୬୧ ରନ୍ ବିଜୟ ଲକ୍ଷ୍ୟର ପିଛା କରି ଭାରତୀୟ ଦଳ

୧୯ ଓଭରରେ ୧୦୨ ରନ୍ ସଂଗ୍ରହ କରି ଅଲ୍ଆଉଟ୍ ହୋଇଯାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ରୋଜ୍‌ମେରି ମେୟାର ୪ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି।

ଆଜି ଏହି ପ୍ରତିଯୋଗିତାର ଗ୍ରୁପ୍-ଏ'ରେ ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍ ସମୟରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ। ସେହିଭଳି ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଇଂଲଣ୍ଡ' ବାଂଲାଦେଶକୁ ଭେଟିବ। ଆଜିର ଦୁଇଟିଯାକ ମ୍ୟାଚ୍ ଶରଜାରେ ଖେଳାଯିବ। ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୧୦ଟି ଦଳ ଭାଗ ନେଇଛନ୍ତି।